# ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର

# ସୂଚନା

ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଆଦର୍ଶ ଜଗତରେ ପ୍ରଚାରିତ ହେଲେ ଜନସମାଜର ଅଶେଷ କଲ୍ୟାଣ ସାଧିତ ହେବ । ଶ୍ରୀଅରବିନ୍ଦ ଯେଉଁ ନୂତନ ମାନବଜାତି ଓ ନୂତନ ମାନବସମାଜର ଲକ୍ଷ୍ୟ ଆମ୍ଭମାନଙ୍କ ସମ୍ମୁଖରେ ରଖିଛନ୍ତି, ତାହାର ଯଥାର୍ଥ ରୂପାୟନର ସମୟ ଆଜି ଉପସ୍ଥିତ । ଏହି କ୍ଷୁଦ୍ର ଲେଖାରେ ଶ୍ରୀଅରବିନ୍ଦଙ୍କ ଲକ୍ଷ୍ୟ କିପରି ପ୍ରଚାରିତ ହେବ, ତାହାର ଆଲୋଚନା କରାଯାଇଛି ।

— ପ୍ରକାଶକ

# ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର

ଶ୍ରୀଅରବିନ୍ଦ ବହୁବର୍ଷ ପୂର୍ବେ କହିଥିଲେ, ''ପ୍ରଚାର କରିବା ଆମର କାର୍ଯ୍ୟ ନୁହେଁ, ସତ୍ୟ ସ୍ୱୟଂ ପ୍ରଚାରିତ ହେବ । ଅଥବା ସତ୍ୟ କାହାରି ଘରେ ପହଞ୍ଚାଇ ଦେଇ ହୁଏ ନାହିଁ । ସତ୍ୟ-ସନ୍ଧାନୀ ସ୍ୱୟଂ ସନ୍ଧାନ କରେ ।'' ଏହା ଶ୍ରୀଅରବିନ୍ଦଙ୍କ ଠିକ୍ ଶବ୍ଦ ନୁହେଁ । କିନ୍ତୁ ତାଙ୍କ ବକ୍ତବ୍ୟର ଅଭିପ୍ରାୟ ଏହିପରି ହୋଇପାରେ ।

ଶ୍ରୀଅରବିନ୍ଦ ଯେତେବେଳେ ଏହା କହିଥିଲେ ସେତେବେଳେ ଅତିମାନସ ଶକ୍ତି ଏହି ପୃଥିବୀରେ ଅବତରଣ କରି ନ ଥିଲା । ସେତେବେଳେ ଏହି ନୂତନ ସତ୍ୟକୁ ବ୍ୟକ୍ତି ଗ୍ରହଣ କରିବାକୁ, ବିଶ୍ୱାସ କରିବାକୁ ଅସମର୍ଥ ଥିଲା । ସେତେବେଳେ ଏହି ସତ୍ୟ ପ୍ରସାର ହୋଇ ପାରିବା ସମ୍ଭବ ନ ଥିଲା ।

ଶ୍ରୀଅରବିନ୍ଦ କହିବା ବାକ୍ୟର ଯଦି ଅର୍ଥ କରାହୁଏ, ''ଶ୍ରୀଅରବିନ୍ଦ ଚାହାନ୍ତି ନାହିଁ ଅତିମାନସ ସତ୍ୟର ପ୍ରଚାର ହେଉ ବା ପ୍ରସାର ହେଉ'' ତେବେ ଏହା ତାଙ୍କ ଉଦ୍ଦେଶ୍ୟର ବିରୋଧୀ ହେବ । କାରଣ ତାଙ୍କ ସିଦ୍ଧାନ୍ତର ମୂଳନୀତି ହେଉଛି ଅତିମାନସ ସତ୍ୟ ଦ୍ୱାରା ମନୁଷ୍ୟର ମନ, ପ୍ରାଣ ଓ ଶରୀରର ପୂର୍ଣ୍ଣ ରୂପାନ୍ତର, ଜଗତରୁ ଦୁଃଖ, ଦ୍ୱନ୍ଦ୍ୱ, ମିଥ୍ୟାର ନାଶ, ସ୍ୱର୍ଗରାଜ୍ୟ ପ୍ରତିଷ୍ଠା । ଏହା ତେବେ ହେବ, ଯେବେ ଜଗତର ବ୍ୟକ୍ତି ଏହି ସତ୍ୟକୁ ଜାଣିବେ ଏବଂ ଗ୍ରହଣ କରିବେ । ପ୍ରତ୍ୟେକ ବ୍ୟକ୍ତିର ଆତ୍ମା ଏପରି ସ୍ପଷ୍ଟଭାବେ ଜାଗ୍ରତ ନ ଥାଏ ଯେ ସୂକ୍ଷ୍ମଭାବେ କାର୍ଯ୍ୟ କରୁଥିବା ଅତିମାନସ କ୍ରିୟାକୁ ସେ ଅନ୍ତରରେ ବୁଝିପାରିବ ବା ପ୍ରେରଣା ପାଇ ସ୍ୱୟଂ ସାଧନାରେ ପ୍ରବୃତ୍ତ ହେବ । ସେମାନଙ୍କ ସକାଶେ ପ୍ରଚାର ଆବଶ୍ୟକ ।

ଶ୍ରୀଅରବିନ୍ଦ ଯେତେବେଳେ ଥିଲେ ସେତେବେଳେ 'The Advent', 'Mother India', 'Bulletin of Physical Education' (ବର୍ତ୍ତମାନ ଏହାର ନାମ 'Bulletin of Sri Aurobindo International Centre of Education' ରଖା ଯାଇଛି), ଅଦିତି, ବର୍ତ୍ତିକା ଇତ୍ୟାଦି ପତ୍ରିକା ବିଭିନ୍ନ ଭାଷାରେ ପ୍ରକାଶ ପାଉଥିଲା । କଲିକତାରେ ପାଠମନ୍ଦିର, ଦିଲ୍ଲୀରେ ଜୌହରଙ୍କ ଶ୍ରୀଅରବିନ୍ଦ ଆଶ୍ରମ, ଚୌଥାବଳରେ ଆଚାର୍ଯ୍ୟ ଅଭୟ ଦେବଙ୍କ ଦ୍ୱାରା ଶ୍ରୀଅରବିନ୍ଦ ନିକେତନ, ପନ୍ନାରେ ଶ୍ରୀଅରବିନ୍ଦ ସାଧନାଳୟ ସ୍ଥାପିତ ହୋଇଥିଲା । ଏସବୁ ପାଇଁ ଶ୍ରୀଅରବିନ୍ଦ ସ୍ୱୟଂ Blessings (ଆଶୀର୍ବାଦ) ଦେଇଥିଲେ । ଏହା ବ୍ୟତୀତ ଅନ୍ୟ ସ୍ଥାନରେ ମଧ୍ୟ କେତେକ ପାଠଚକ୍ର ଖୋଲା ଯାଇଥିଲା । ଶ୍ରୀଅରବିନ୍ଦ ସ୍ୱୟଂ ''ଆର୍ଯ୍ୟ'' ପତ୍ରିକା ପ୍ରକାଶ କରିଥିଲେ ଏବଂ ଏତେ ବହି ଲେଖିଥିଲେ ଯେ ଜଣେ ବ୍ୟକ୍ତି ତା'ର ଜୀବନରେ ସବୁ ପଢ଼ି ପାରିବ କି ନାହିଁ ସନ୍ଦେହ । ଏଥିରୁ ସ୍ପଷ୍ଟ ବୁଝାଯାଏ ଯେ ଶ୍ରୀଅରବିନ୍ଦଙ୍କ କହିବାର ତାତ୍ପର୍ଯ୍ୟ ଅନ୍ୟ କିଛି ଅଛି । ତାହା ପରେ ଆଲୋଚନା କରିବା ।

ପୃଥିବୀରେ ଯେଉଁ ସମୟରେ କିଛି ପରିବର୍ତ୍ତନ ହୁଏ, ମହାପୁରୁଷମାନେ ଆସି ନିଜ ସିଦ୍ଧାନ୍ତ ପ୍ରଚାର କରିବା ସକାଶେ ସ୍ୱୟଂ ଭ୍ରମଣ କରନ୍ତି; ଶାସ୍ତ୍ରଚର୍ଚ୍ଚା ଦ୍ୱାରା ଅନ୍ୟ ମତ ଖଣ୍ଡନ କରି ସ୍ୱୀୟ ମତ ପ୍ରତିଷ୍ଠା କରନ୍ତି । ବୁଦ୍ଧଦେବ, ଆଚାର୍ଯ୍ୟ ଶଙ୍କର, ରାମାନୁଜ, ରାମାନନ୍ଦ, ଚୈତନ୍ୟ ମହାପ୍ରଭୁ ଇତ୍ୟାଦି ଏହିପରି କରିଥିଲେ । ଶଙ୍କର କର୍ମତ୍ୟାଗୀ ଅଦ୍ୱୈତ୍ୟବାଦୀ ଥିବା ସତ୍ତ୍ୱେ କନ୍ୟାକୁମାରୀଠାରୁ ହିମାଳୟ ପର୍ଯ୍ୟନ୍ତ ସ୍ଥାନକୁ ଚାଲିକରି ଯାଇ ବିଭିନ୍ନ ମଠ ସ୍ଥାପନ କଲେ ଓ ନିଜ ସିଦ୍ଧାନ୍ତ ପ୍ରଚାର କଲେ । ସେ ଏହି ଯେଉଁ କଠିନ କର୍ମ ମାତ୍ର ତାଙ୍କର ବତିଶ ବର୍ଷ ଆୟୁ ମଧ୍ୟରେ କଲେ, ଏହିପରି କର୍ମ କୌଣସି ତୀବ୍ରସାହସୀ କର୍ମୀ ପକ୍ଷେ ବି ଅସମ୍ଭବ ଥିଲା । ରାମାନୁଜ, ରାମାନନ୍ଦ, ମାଧବ, ବିଷ୍ଣୁସ୍ୱାମୀ, ନିମ୍ବାର୍କ, ବଲ୍ଲଭାଚାର୍ଯ୍ୟ ମଧ୍ୟ ସେହିପରି କରିଛନ୍ତି । ଚୈତନ୍ୟ ମହାପ୍ରଭୁ ନଦୀୟାରେ ସ୍ୱୟଂ କୀର୍ତ୍ତନ ପ୍ରଚାର କଲେ । ଶ୍ରୀନିତ୍ୟାନନ୍ଦ ମହାପ୍ରଭୁ, ହରିଦାସଙ୍କର ବି ଏହି କାର୍ଯ୍ୟ ଥିଲା । ଏ କୀର୍ତ୍ତନ ପ୍ରଚାରରେ ଜଗାଇ, ମାଧାଇ ବିଦ୍ରୋହ କଲେ ଏବଂ ଉଦ୍ଧାର ହେଲେ । କାଶୀରେ ଚୈତନ୍ୟ ମହାପ୍ରଭୁ ଦୁଇମାସ ରହିବା ସମୟରେ ସେଠିକାର କେହି ବ୍ୟକ୍ତି ମହାପ୍ରଭୁଙ୍କ ପାଖକୁ ନ ଆସିବାରୁ ତାଙ୍କ ଭକ୍ତମାନେ କହିଲେ, ''ଏଠିକାର କେହି ବ୍ୟକ୍ତି ଭଗବତ୍ ପ୍ରେମ ଗ୍ରହଣ କରିବାର ପାତ୍ର

ନୁହନ୍ତି । ଆପଣ ଏଠାରେ କାହିଁକି ଅଛନ୍ତି ?'' ମହାପ୍ରଭୁ କହିଲେ, ଭଗବତ୍ ପ୍ରେମ ମୁଁ କାଶୀର ପ୍ରତି ଗଳିରେ ବୁଣି ଦେଇଯିବି । ବର୍ତ୍ତମାନ ନ ହେଉ ଭବିଷ୍ୟତରେ କେହି ଉଠେଇ ନେବେ ।'' ମହାପ୍ରଭୁ ପୁରୀରୁ ବୃନ୍ଦାବନ ପଦଯାତ୍ରାରେ ଯିବା ସମୟରେ କୀର୍ତ୍ତନ ପ୍ରଚାର କରି ଯାଇଥିଲେ । ପୂର୍ବାଚାର୍ଯ୍ୟମାନଙ୍କ କର୍ମରୁ ବରାବର ଦେଖାଯାଇଛି ଯେ ନୂତନ ସତ୍ୟର ପ୍ରଚାର ଆବଶ୍ୟକ । ପ୍ରଚାର ନ ହେଲେ ଲୋକେ ଜାଣିବେ କିପରି ? ନ ଜାଣିଲେ ଗ୍ରହଣ କରିବା ଆଉ ଆଚରଣ କରିବା ସମ୍ଭବ ନୁହେଁ ।

ଶ୍ରୀଅରବିନ୍ଦଙ୍କ କହିବାର ତାତ୍ପର୍ଯ୍ୟ ହୋଇପାରେ, ସେ ପୂର୍ବାଚାର୍ଯ୍ୟଙ୍କ ପରି ଅଧ୍ୟାତ୍ମ-ସତ୍ୟ ସ୍ୱୟଂ ପ୍ରଚାର କରିବେ ନାହିଁ କିଂବା କରାଇବେ ନାହିଁ । ସେ ଯେଉଁ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଉତାରି ଆଣିଛନ୍ତି, ତାହାରି ପ୍ରେରଣାରେ ପ୍ରଚାର ହେବ । ଏହି ଅଭିପ୍ରାୟ ଆମ୍ଭେମାନେ ତାଙ୍କ କାର୍ଯ୍ୟରୁ ଅନୁମାନ କରିବା । ଶ୍ରୀଅରବିନ୍ଦଙ୍କ ଚେତନା ଭଗବାନଙ୍କ ଚେତନା ସଙ୍ଗେ ଏକ ହୋଇ ଯାଇଥିଲା । ଭଗବାନଙ୍କ ସଂକଳ୍ପ ଶ୍ରୀଅରବିନ୍ଦଙ୍କ ଦ୍ୱାରା କର୍ମ ସମ୍ପାଦନ କରୁଥିଲା । ଭଗବାନ ଯାହା କହୁଥିଲେ ଶ୍ରୀଅରବିନ୍ଦ ତାହାହିଁ କରୁଥିଲେ । ସେ ରାଜନୈତିକ କ୍ଷେତ୍ରରେ କାର୍ଯ୍ୟ କରିବା ସମୟରେ ତାଙ୍କ ଧର୍ମପତ୍ନୀଙ୍କ ପାଖକୁ ପଠାଇଥିବା ପତ୍ରରେ ଏହା ଏକବାରେ ସ୍ପଷ୍ଟ ହୋଇଛି । ଆଉ ବହୁତ ସମୟରେ ସେ କେତେକ ପତ୍ରରେ ଲେଖିଥିଲେ, ''ତାଙ୍କ ଅନ୍ତରରୁ ଯାହା ପ୍ରେରଣା ହେଉଥିଲା ସେ ତାହାହିଁ କରୁଥିଲେ ।'' ଭଗବତ୍ ପ୍ରେରଣାରେ ସେ ସାଧନା କରି ଅତିମାନସ ଶକ୍ତିକୁ ପୃଥିବୀ ଉପରେ ଅବତରଣ କରାଇଲେ । ପୂର୍ବାଚାର୍ଯ୍ୟମାନଙ୍କ ପରି ତାଙ୍କୁ ଭିନ୍ନ ଭିନ୍ନ ସ୍ଥାନକୁ ଯାଇ ନିଜ ସିଦ୍ଧାନ୍ତ ସ୍ଥାପନ କରିବାକୁ ହେଲା ନାହିଁ । ସେହି ଅତିମାନସ ଶକ୍ତିର ପ୍ରେରଣାରେ ତାଙ୍କ ଉଦ୍ଦେଶ୍ୟ ବ୍ୟକ୍ତିଙ୍କ ଦ୍ୱାରା ପ୍ରଚାରିତ ହେଉଛି ।

ସ୍ମରଣ କରନ୍ତୁ ଯେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ସମଗ୍ର ବିଶ୍ୱରେ ପ୍ରସାରିତ ହେବ । ଏହାର ପ୍ରସାର ଦ୍ୱାରା ଜଗତ୍ ପରିବର୍ତ୍ତିତ ହେବ । ଏହି ପ୍ରସାରକାର୍ଯ୍ୟ ବଢ଼ିଚାଲୁଛି । କିନ୍ତୁ ଆଶ୍ରମ ଆରମ୍ଭଠାରୁ ଆଜି ପର୍ଯ୍ୟନ୍ତ ତାହା ପ୍ରସାରିତ ହୋଇଚାଲିଛି; ଶ୍ରୀମାଶ୍ରୀଅରବିନ୍ଦ ସ୍ୱୟଂ ସ୍ଥୂଳରୂପେ କିଛି କରିନାହାନ୍ତି । ଆଶ୍ରମରେ ଯେତେ କାର୍ଯ୍ୟକ୍ଷେତ୍ର, ଯେତେ କାରଖାନା, ଜମି, ବଗିଚା, ପ୍ରେସ୍, ଶ୍ରୀମାଶ୍ରୀଅରବିନ୍ଦଙ୍କ ସାହିତ୍ୟର ବିଭିନ୍ନ ଭାଷାରେ ରୂପାନ୍ତର ବିଭିନ୍ନ ଭାଷାରେ ପତ୍ରିକା ପ୍ରକାଶ, ବିଭିନ୍ନ ସ୍ଥାନରେ ପାଠଚକ୍ରମାନ ସ୍ଥାପନ – ଏହା ସବୁହୋଇଛି ସ୍ୱତଃସ୍ଫୂର୍ତ୍ତଭାବେ ଅନ୍ୟ ବ୍ୟକ୍ତିଙ୍କ ଦ୍ୱାରା, ଅଦୃଶ୍ୟ ଶକ୍ତିର ପ୍ରେରଣାରେ ।

## ଅତିମାନସ ଶକ୍ତିର କାର୍ଯ୍ୟ

ଯେତେବେଳେ ଅତିମାନସ ଶକ୍ତି ପୃଥିବୀରେ ଅବତରଣ କରି ନ ଥିଲା ସେତେବେଳେ କେତେକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ କାର୍ଯ୍ୟରେ ଅଂଶ ଗ୍ରହଣ କରିଥିଲେ । କିଛି ବ୍ୟକ୍ତିଙ୍କ ଦ୍ୱାରା କେତେକ ସ୍ଥାନରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ମଧ୍ୟ ପ୍ରଚାର ହୋଇଥିଲା । ମା' ଥରେ ତାଙ୍କ କ୍ଲାସରେ କହିଥିଲେ, ''ଏହି କାର୍ଯ୍ୟରେ ଅଂଶଗ୍ରହଣ କରିବା ସକାଶେ ତିନି ଶ୍ରେଣୀର ସତ୍ତା (being) ଏଠାକୁ ଆସିଛନ୍ତି । କେତେକ ବ୍ୟକ୍ତି ଏହି କାର୍ଯ୍ୟରେ ଭାଗନେବାକୁ, କେତେକ ସତ୍ତାଙ୍କୁ ମା' ଡାକିଛନ୍ତି, କେତେକ ନିଜେ ଜ୍ୟୋତିପ୍ରାପ୍ତ କରିବା ସକାଶେ ଆସିଛନ୍ତି ।'' ଅତିମାନସ ଶକ୍ତିର ଅବତରଣ ପୂର୍ବରୁ ଯେଉଁମାନଙ୍କ ଆତ୍ମା ଜାଗ୍ରତ୍ ହୋଇଥିଲା ସେମାନେ ଜ୍ଞାତ ବା ଅଜ୍ଞାତରୂପେ ଅତିମାନସ ଶକ୍ତିର ଦୂର ସ୍ପର୍ଶରେ କୌଣସି ଅଦୃଶ୍ୟ ଶକ୍ତିର ପ୍ରେରଣାରେ ଏହି କାର୍ଯ୍ୟରେ ଯୋଗ ଦେଇଥିଲେ । ସେତେବେଳେ ଏହି ସତ୍ୟକୁ ସାଧାରଣ ବ୍ୟକ୍ତି ଗ୍ରହଣ କରିବାରେ ଅସମର୍ଥ ଥିଲେ । ଅତିମାନସ ଶକ୍ତି ୧୯୫୦ ମସିହାରେ ସ୍ଥାୟୀ ଭାବରେ ଅବତରଣ କରିଥିଲା ଶ୍ରୀଅରବିନ୍ଦଙ୍କ ଶରୀରରେ । ବର୍ତ୍ତମାନ ଏହି ଶକ୍ତି ମା'ଙ୍କ ମାଧ୍ୟମ ଦେଇ ସାରା ଜଗତରେ କାର୍ଯ୍ୟ କରୁଅଛି । ଯେଉଁମାନଙ୍କ ମନ-ପ୍ରାଣର ପରଦା ପତଳା ହୋଇଯାଇଛି ସେହିମାନେ ଅଜ୍ଞାତଭାବେ ଏହି ଅଦୃଶ୍ୟଶକ୍ତିର ଆବାହନର ଉତ୍ତର ଦେଉଛନ୍ତି, ସାଧନାରେ ପ୍ରବୃତ୍ତ ହେଉଛନ୍ତି ଏବଂ ଏହି ସତ୍ୟର ସନ୍ଧାନ ଅନ୍ୟ ପାଖରେ ପହଞ୍ଚାଉଛନ୍ତି । ଏହି ଯେଉଁ ଅତିମାନସ

ସତ୍ୟର ପ୍ରଚାର କାର୍ଯ୍ୟ ହେଉଛି ଏହି କାର୍ଯ୍ୟ ଯଥାର୍ଥରେ କୌଣସି ବ୍ୟକ୍ତିର ବ୍ୟକ୍ତିଗତ ପ୍ରେରଣା ନୁହେଁ, ପ୍ରେରଣା କେବଳ ଅତିମାନସ ଶକ୍ତିର । ନିଜ ସତ୍ତା ଯେ ଯେତେ ଉଦ୍‌ଘାଟନ କରି ପାରିଛି ସେ ସେତେ ଗ୍ରହଣ କରି ପାରୁଛି । ଏହି ସମୟ ବ୍ୟକ୍ତି ପକ୍ଷେ ଗୋଟିଏ ସୁବର୍ଣ୍ଣ ସୁଯୋଗ । ଯେଉଁ ବ୍ୟକ୍ତି ଏହି ଶକ୍ତିର ଯନ୍ତ୍ର ହେବାକୁ ଚାହିଁବ ସେ ଆବଶ୍ୟକ ଜ୍ଞାନ, ଶକ୍ତି, ଜ୍ୟୋତିଃ, ସାମର୍ଥ୍ୟ, ସାହସ, ଧୈର୍ଯ୍ୟ, କାର୍ଯ୍ୟକରିବାର କ୍ଷମତା ପ୍ରାପ୍ତ କରିପାରିବ ଏବଂ ତାମସିକତା, ନିରୁତ୍ସାହତା, ହିଂସା, ଦ୍ୱେଷ, ଈର୍ଷା ବିରୋଧାଦି ଦୁର୍ଗୁଣରୁ କ୍ରମଶଃ ମୁକ୍ତ ହେବ ।

## ସତ୍ୟ-ପ୍ରଚାରର ଆବଶ୍ୟକତା

ଶ୍ରୀଅରବିନ୍ଦଙ୍କ ଯେଉଁ ଉଦ୍ଦେଶ୍ୟ ଥିଲା, ''ସେ ପ୍ରଚାର କରିବେ ନାହିଁ'' ତାହା ବର୍ତ୍ତମାନ ଏକବାରେ ପ୍ରମାଣିତ ହେଉଅଛି । ଶ୍ରୀମାଶ୍ରୀଅରବିନ୍ଦ ପୂର୍ବାଚାର୍ଯ୍ୟଙ୍କ ପରି ସ୍ଥାନ ସ୍ଥାନ ଭ୍ରମଣ କରି ପ୍ରଚାର କରିବାକୁ ପଣ୍ଡିଚେରୀ ଛାଡ଼ି କେଉଁଠିକି ଯାଇନାହାନ୍ତି ଅଥବା କୌଣସି ବ୍ୟକ୍ତିକୁ ବାହାରେ ଯାଇ ପ୍ରଚାର କରିବାକୁ ସ୍ୱୟଂ ପଠାଇ ନାହାନ୍ତି । ଯାହା ହୋଇଛି, ଯାହା ହେଉଛି ସ୍ୱାଭାବିକରୂପେ । ଭଗବାନଙ୍କର ସଂକଳ୍ପ ହେଉଛି ଜଗତରେ ସତ୍ୟ ପ୍ରତିଷ୍ଠା ହେବ । ଯେଉଁମାନେ ଅଳ୍ପ ସଚେତ ହୋଇଛନ୍ତି ସେମାନେ ସେହି ସଂକଳ୍ପକୁ ଗ୍ରହଣକରି ତାହାରି ଅଜ୍ଞାତ ପ୍ରେରଣାରେ କାର୍ଯ୍ୟ କରୁଅଛନ୍ତି । ଅତିମାନସ ଶକ୍ତିର କ୍ରିୟା ହେଉଛି ଅନ୍ତରରେ, ସେହି ଆନ୍ତର କ୍ରିୟା ଜାଣିବା, ଗ୍ରହଣ କରିବା ସକାଶେ ମନୁଷ୍ୟକୁ ପର୍ଯ୍ୟାପ୍ତ ସଚେତ ହେବାକୁ ହେବ । ତେବେ ଯାଇ ସେ ଗ୍ରହଣ କରିପାରିବ । ସାଧାରଣ ମନୁଷ୍ୟପକ୍ଷେ ବର୍ତ୍ତମାନ ସମୟରେ ଅନ୍ତରରେ ଏତେମାତ୍ରାରେ ସଚେତ ହେବା ସମ୍ଭବ ନୁହେଁ । ମନୁଷ୍ୟର ଅନ୍ତର ଯେତିକି ଅତିମାନସ ସତ୍ୟର ସ୍ପର୍ଶ ପାଇଛି ସେତିକିରେ କାମ ଚଳିବ ନାହିଁ । ତାହାକୁ ଆଉ ଅଧିକଭାବେ ଅନ୍ତରରେ ସଚେତ ହେବାକୁ ହେବ । ଯଦି ବାହ୍ୟ ପ୍ରଚାର ନ ହୁଏ ତେବେ ଏହା ସକାଶେ ଅଧିକ ସମୟ ଲାଗିବ ଏବଂ ସଂସାରରୁ ବାଧାବିପତ୍ତି ଦୂରହେବାରେ ବିଳମ୍ବ ହେବ । ଯଦି କୌଣସି ସ୍ଥାନରେ କେତେଜଣ ମିଳି ପାଟିକରି ଘୋ ଘୋ ହେଉଥା'ନ୍ତି ସେ ସମୟରେ କେହି ସେମାନଙ୍କୁ କିଛି କହିବାକୁ ଡାକିଲେ ସେମାନେ ଶୁଣି ପାରନ୍ତି ନାହିଁ । କେହି ବ୍ୟକ୍ତି ସେମାନଙ୍କୁ ସାବଧାନ କରାଇଦେଲେ ସେମାନେ ଚୁପ୍‌ହୋଇ ଯାଆନ୍ତି ଏବଂ ଅନ୍ୟର ଡାକ ଶୁଣିପାରନ୍ତି । ବର୍ତ୍ତମାନ ସେହିପରି ଅତିମାନସର ଡାକକୁ ମନୁଷ୍ୟ ଶୁଣି ପାରୁ ନାହିଁ । ତା' ମଧ୍ୟରେ ସନ୍ଦେହ, ସ୍ୱାର୍ଥ, ଅହଂ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ ମିଳି ଘୋ ଘୋ ହେଉଛନ୍ତି । କୌଣସି ବ୍ୟକ୍ତି ଦ୍ୱାରା ସତ୍ୟର ଆଗମନ ଶୁଣିଲେ ସେମାନେ ସାବଧାନ ହୋଇ ତାହାର ଆବାହନକୁ ଶୁଣିବେ ଆଉ ଉତ୍ତର ଦେବେ । ଏଣୁ ପ୍ରଚାର ଆବଶ୍ୟକ । ସତ୍ୟ-ପ୍ରଚାର କୌଣସି ଖରାପ ବସ୍ତୁ ନୁହେଁ । ଏହା ମନୁଷ୍ୟକୁ ସତ୍ୟ ମାର୍ଗରେ ପରିଚାଳିତ କରେ, ମନୁଷ୍ୟର ଚିର-ଅଭିଳଷିତ ଯଥାର୍ଥ ଆନନ୍ଦ ପ୍ରଦାନ କରେ । ''ଅଧ୍ୟାତ୍ମ-ସତ୍ୟର ପ୍ରଚାର ଅନାବଶ୍ୟକ'', ଏହି ଧାରଣା ମନୁଷ୍ୟର ସଂସ୍କାରରେ ପରିଣତ ହୋଇଛି ଦୁଇଟି କାରଣରୁ । ଗୋଟିଏ ହେଲା ପ୍ରଚାରକାର୍ଯ୍ୟ ଖରାପ ବସ୍ତୁ ସଂସ୍ପର୍ଶରେ ଦୂଷିତ ହୋଇଯିବାରୁ ସେହି ''ପ୍ରଚାର'' ଶବ୍ଦକୁ ଲୋକେ ଘୃଣା କରନ୍ତି । ଯେପରି ଭଗବାନଙ୍କ ନାମ ରାମ, ହରି, କୃଷ୍ଣ, ବିଷ୍ଣୁ, ନାରାୟଣ ଇତ୍ୟାଦି । ଏହି ସବୁ ନାମ ଅତ୍ୟନ୍ତ ପବିତ୍ର । ମନୁଷ୍ୟକୁ ସମସ୍ତ ପାପ-ତାପରୁ ଉଦ୍ଧାର କରେ, ଶେଷ କାଳରେ ସ୍ମରଣ ହେଲେ ମନୁଷ୍ୟକୁ ଜନ୍ମ-ମୃତ୍ୟୁରୁ ପାର କରିଦିଏ । କିନ୍ତୁ କୌଣସି ପାପୀ, ଦୁରାଚାରୀ, କୃପଣ, ଚୋର, ହିଂସ୍ର ବ୍ୟକ୍ତିର ଯଦି ଏହିସବୁ ନାମ ଥାଏ, ଆଉ ସକାଳୁ କେହି ବ୍ୟକ୍ତି ଏହି ନାମ ଉଚ୍ଚାରଣ କରେ ତେବେ ଲୋକେ କହନ୍ତି ''ଆଜି ଦିନଟା ତୋର ଭଲ ହେବ ନାହିଁ, ଅମୁକ ପାପୀ ବ୍ୟକ୍ତିର ନାମ ତୁ ଉଚ୍ଚାରଣ କଲୁ ।'' ପ୍ରକୃତରେ ସେ ନାମ ପାବନ, ଅମୁକ ଦୁରାଚାରୀ ବ୍ୟକ୍ତିର ସଂସ୍ପର୍ଶରେ ଆସିବାରୁ ଲୋକଙ୍କର ଭୁଲ୍ ଧାରଣା ସେହି ନାମ ପ୍ରତି ହୁଏ । ସେହିପରି ଅସତ୍ୟର ପ୍ରଚାର ଦ୍ୱାରା ''ପ୍ରଚାର'' ଶବ୍ଦଟା ଦୂଷିତ ହୋଇଯାଇଛି । ଯଥାର୍ଥରେ 'ସତ୍ୟ'ର ପ୍ରଚାର ଖରାପ ନୁହେଁ ।

ଅନ୍ୟଟି ହେଲା : ପୁରାତନ ଯୋଗର ସଂସ୍କାର । ସଂସାରର ବ୍ୟକ୍ତି ମଧ୍ୟରୁ ଯେଉଁ ଅଳ୍ପ କେତେଜଣଙ୍କର ବୈରାଗ୍ୟ,

ସଂସାର ନିରାସକ୍ତତା ଥାଏ ସେହି ଅଳ୍ପ କେତେଜଣ କେବଳ ଅଧ୍ୟାତ୍ମସତ୍ୟର ଅଧିକାରୀ ହୁଅନ୍ତି । ସେହି ସକାଶେ ଅଧ୍ୟାତ୍ମ ସତ୍ୟ ଗୁପ୍ତ ରଖାଯାଏ, ଯେ ଉତ୍ତମ ଅଧିକାରୀ ହୁଏ ତାକୁହିଁ ଅଧ୍ୟାତ୍ମ ସତ୍ୟ ଉପଦେଶ ଦିଆହୁଏ । ପୁରାତନ ଯୁଗରେ ଶିଷ୍ୟମାନଙ୍କୁ କିପରି କଠୋର ପରୀକ୍ଷା ପରେ ଅଧ୍ୟାତ୍ମସତ୍ୟ ଉପଦେଶ ଦିଆଯାଉଥିଲା ଆମ୍ଭେମାନେ ଉପମନ୍ୟୁ, ଉଦ୍ଧାଳକ ଓଗେର ସାଧକମାନଙ୍କ ଚରିତ୍ରରୁ ଅନୁମାନ କରିପାରିବା ।

ଉପମନ୍ୟୁ ଧୌମ୍ୟ ଋଷିଙ୍କଠାରୁ ଅଧ୍ୟାତ୍ମବିଦ୍ୟା ପ୍ରାପ୍ତହେବାକୁ ଯାଇଥିଲେ । ଗୁରୁଦେବ ତାଙ୍କୁ ଗାଈ ଚରେଇବା କାମ ଦେଲେ । କିଛି ଦିନ ପରେ ଗୁରୁଦେବ ପଚାରିଲେ —

ମୁଁ ଭୋଜନ ଦେଉ ନାହିଁ, ତୋର ଶରୀର ହୃଷ୍ଟପୁଷ୍ଟ ରହିଛି କିପରି ?

ଉପମନ୍ୟୁ — ମୁଁ ଭିକ୍ଷାକରି ଭୋଜନ କରୁଛି ।

ଗୁରୁ — ଶାସ୍ତ୍ରର ନିୟମାନୁସାରେ ସମସ୍ତ ଭିକ୍ଷା ମେତେ ଦେବା ଉଚିତ ।

କିଛିଦିନ ପରେ ଫେର୍ ଗୁରୁ ପଚାରିଲେ —

ଭିକ୍ଷା ମୋତେ ଦେଇଦେଉଛୁ, ତୁ କ'ଣ ଭୋଜନ କରୁଛୁ ?

ଉପମନ୍ୟୁ — ପୁନରାୟ ଭିକ୍ଷାକରି ଭୋଜନ କରୁଛି ।

ଗୁରୁ — ଏହା ଶାସ୍ତ୍ର-ବିରୁଦ୍ଧ ।

କିଛିଦିନ ପରେ ଗୁରୁ ପୁନରାୟ ପଚାରିଲେ —

ତୁ କ'ଣ ଖାଉଛୁ ?

ଉପମନ୍ୟୁ — ଦୁଗ୍ଧ ।

ଗୁରୁ — ଦୁଗ୍ଧ ବାଛୁରୀର, ଅନ୍ୟର ଭାଗ ଅପହରଣ କରିବା ପାପ ।

କିଛିଦିନ ପରେ —

ଗୁରୁ — ତୁ କ'ଣ ଖାଉଛୁ ?

ଉପମନ୍ୟୁ — ବାଛୁରୀ ଦୁଗ୍ଧ ପାନ କରୁଥିବା ସମୟରେ ତା ମୁହଁରୁ ପଡୁଥିବା ଫେଣ ପାନ କରୁଛି । ବହୁତ ଗାଈ ଅଛନ୍ତି; ସେଥିରେ ମୋର ଉଦର ପୂରଣ ହୋଇ ଯାଉଛି ।

ଗୁରୁ — ମୋ ବିନା ଆଜ୍ଞାରେ ଏପରି କରିବା ଉଚିତ ନୁହେଁ ।

ସେହିଦିନଠାରୁ ଉପମନ୍ୟୁ ଫେଣ ପାନକରିବା ବନ୍ଦ କରିଦେଲେ । ଉଦର-ଜ୍ୱାଳା ସହ୍ୟ କରି ନ ପାରି ଜଙ୍ଗଲରୁ ପତ୍ର ଖାଇବାକୁ ଲାଗିଲେ । ପତ୍ର ଖାଇବା ସମୟରେ ଅଜଣାରେ ଅର୍କ ପତ୍ର ଖାଇଦେଲେ । ପରିଣାମରେ ଦୃଷ୍ଟିଶକ୍ତି ନଷ୍ଟ ହୋଇଗଲା । ସେ ଅନ୍ଧ ଅବସ୍ଥାରେ ଗାଈମାନଙ୍କ ଖୁରା ଶବ୍ଦ ଅନୁସରଣ କରି ଗାଈ ଚରାଇବା କାମକଲେ । ଏହିପରି କେତେଦିନ ପରେ ଯିବା ସମୟରେ ଗୋଟିଏ ଲଣ୍ଡା କୂଅରେ ପଡ଼ିଗଲେ । ସନ୍ଧ୍ୟା ସମୟରେ ଗାଈମାନଙ୍କ ସହିତ ଉପମନ୍ୟୁଙ୍କୁ ନ ଦେଖି ଗୁରୁ ଖୋଜିବାକୁ ଯାଇ ଜୋର୍‌ରେ ଡାକିଲେ, କୂପ ମଧ୍ୟରେ ଉପମନ୍ୟୁ ଶୁଣି ଉତ୍ତର ଦେଲେ । ଗୁରୁଙ୍କ ଆଦେଶାନୁସାରେ ଉପମନ୍ୟୁ ଅଶ୍ୱିନୀକୁମାରଙ୍କୁ ସ୍ମରଣ କରି ତାଙ୍କ କୃପାରୁ ପୁନରାୟ ଦୃଷ୍ଟିଶକ୍ତି ଲାଭ କଲେ ଏବଂ ଅଧ୍ୟାତ୍ମଜ୍ଞାନ ପ୍ରାପ୍ତ ହେଲେ ।

ଏହା ଗୁରୁଙ୍କର ଶିକ୍ଷାପ୍ରତି ଅନ୍ୟାୟ ନ ଥିଲା । ସେ କଠୋର ତପସ୍ୟା ଦ୍ୱାରା ଶିଷ୍ୟର ଆଧାରକୁ ପ୍ରସ୍ତୁତ କରାଉଥିଲେ ଯହିଁରେ ସେ ଅଧ୍ୟାତ୍ମସତ୍ୟକୁ ଧାରଣ କରିପାରିବେ । ସେସମୟରେ ଅଧ୍ୟାତ୍ମସତ୍ୟର ଅଧିକାରୀ ବହୁତ କମ୍ ଲୋକ ହେଉଥିଲେ । ସେହି କାରଣରୁ ଗୁରୁ ଅଧ୍ୟାତ୍ମସତ୍ୟ ପ୍ରଚାର ନ କରି ଅଧିକାରୀ ଶିଷ୍ୟକୁ ପ୍ରଦାନ କରୁଥିଲେ । ଅଧ୍ୟାତ୍ମସତ୍ୟ ସଂସାରୀବ୍ୟକ୍ତିଙ୍କ ସକାଶେ ନ ଥିଲା । ସେହି ସମୟରୁ ଲୋକଙ୍କ ସଂସ୍କାରଗତ ଧାରଣା ହୋଇଛି ଯେ ଅଧ୍ୟାତ୍ମସତ୍ୟ ପ୍ରଚାର କରିବା ଉଚିତ ନୁହେଁ, ପ୍ରଚାର କରିବା ଅର୍ଥ ତା ମହତ୍ତ୍ୱ କମ୍ କରିବା । ଏହା ସେ ଯୁଗ ସକାଶେ ସତ୍ୟ ଥିଲା; ବର୍ତ୍ତମାନ ସମୟ ସକାଶେ ଏକବାରେ ନୁହେଁ ।

ବର୍ତ୍ତମାନ ଯୁଗ-ପରିବର୍ତ୍ତନର ସମୟ । ଅତିମାନସ ଶକ୍ତି ପୃଥିବୀକୁ ଆସି କ୍ରିୟା କରୁଛି । ସମସ୍ତ ସଂସାରରେ ଗୋଟାଏ ବୈପ୍ଳବିକ ପରିବର୍ତ୍ତନ ଆସିବ । ଅଧ୍ୟାତ୍ମସତ୍ୟ ପୂର୍ବପରି ସୀମିତ ହୋଇ ରହିବ ନାହିଁ । ମନୁଷ୍ୟର ସ୍ୱାଭାବିକ ଧର୍ମରେ ପରିଣତ ହେବ ।

ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ସୁଖପ୍ରାପ୍ତ କରିବା; ସେ ସୁଖ-ଶାନ୍ତି ପ୍ରାପ୍ତ କରିବା ସକାଶେ ନାନା ପ୍ରକାର ଉପାୟ କରୁଛି । ମନୁଷ୍ୟକୁ ସୁଖପ୍ରାପ୍ତି ପାଇଁ ଅନ୍ନ, ବସ୍ତ୍ର, ଔଷଧ ଦାନ ଦିଆ ହୁଏ ବା ମନୁଷ୍ୟକୁ ସୁଖ, ଆରାମରେ ରଖିବାକୁ ବହୁତ ପ୍ରକାର ସେବା କରାହୁଏ । କିନ୍ତୁ କୌଣସି ଭୌତିକ ବସ୍ତୁରେ ତାକୁ ସ୍ଥାୟୀ ସୁଖ-ଶାନ୍ତି ମିଳେ ନାହିଁ । ସ୍ଥାୟୀ ସୁଖ-ଶାନ୍ତି ମିଳେ କେବଳ ଅନ୍ତରରେ ସନ୍ତୋଷ ଆଉ ଆନନ୍ଦ ପାପ୍ତହେଲେ । ଏହି ଆନନ୍ଦ, ଜ୍ଞାନ, ଶାନ୍ତି, ସନ୍ତୋଷର ଉତ୍ସ ହେଉଛନ୍ତି ଭଗବାନ । ମନୁଷ୍ୟ ଭଗବାନଙ୍କୁ ପ୍ରାପ୍ତ ହେଲେ ଯଥାର୍ଥ ଆନନ୍ଦ ଲାଭ କରେ, ଜୀବନ ପରମ ସୁଖମୟ ହୁଏ, ଜଗତ୍ ସ୍ୱର୍ଗରେ ପରିଣତ ହୁଏ ।

ପୂର୍ବେ କ'ଣ ଅଳ୍ପ କେତେକ ଗୃହକର୍ମ-ତ୍ୟାଗୀ ବ୍ୟକ୍ତିଙ୍କର ସୁଖପ୍ରାପ୍ତି ଉଦ୍ଦେଶ୍ୟ ଥିଲା ? ସେଥିପାଇଁ ସେହିମାନେ ଅଧ୍ୟାତ୍ମସତ୍ୟ ଗ୍ରହଣ କରିବାର ଅଧିକାରୀ ଥିଲେ, ବାକୀ ସଂସାରରେ ଥିବା ବ୍ୟକ୍ତିମାନେ ସୁଖ ଚାହୁ ନ ଥିଲେ ବୋଲି କ'ଣ ସେମାନେ ଅଧ୍ୟାତ୍ମସତ୍ୟର ଅନଧିକାରୀ ହେଲେ ଏବଂ ତାଙ୍କ ଜୀବନ ଜନ୍ମ-ମରଣ ନାନାଦି ଦୁଃଖ-ଦ୍ୱନ୍ଦ୍ୱରେ ଗତି କରିଆସିଥିଲା ? ଏପରି ତ ନୁହେଁ, ସମସ୍ତେ ଚାହୁଁଥିଲେ ସୁଖ, କିନ୍ତୁ ସଂସାର-କର୍ମରେ ରହି ଅଧ୍ୟାତ୍ମସତ୍ୟ, ପରମାନନ୍ଦ ପ୍ରାପ୍ତ ହେବାର ସମୟ ଆସି ନ ଥିଲା । ଆଉ ପ୍ରତ୍ୟେକ ବ୍ୟକ୍ତି ପକ୍ଷେ ସଂସାର ତ୍ୟାଗ କରିବା ମଧ୍ୟ ସମ୍ଭବ ନ ଥିଲା । ବର୍ତ୍ତମାନ ତାହା ସମ୍ଭବ ହୋଇଛି ଅତିମାନସ ଶକ୍ତି ପୃଥିବୀକୁ ଆସିବାରୁ । ବ୍ୟକ୍ତି ନିଜ ସୀମିତ ଚେତନାର ଊର୍ଦ୍ଧ୍ୱକୁ ଗଲେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଏହି ମହାନ୍ ଦାନକୁ ବୁଝିପାରିବ ।

ମନୁଷ୍ୟର ଯେଉଁ ସୁଖମୟ ଜୀବନ ଲକ୍ଷ୍ୟ ତାହା ବ୍ୟକ୍ତି ପ୍ରତ୍ୟେକ ସ୍ଥିତିରେ, ପ୍ରତ୍ୟେକ ଅବସ୍ଥାରେ ପ୍ରାପ୍ତ ହେବ । କୃଷକ ନିଜର ସମସ୍ତ କର୍ମକୁ ଈଶ୍ୱରଙ୍କର ମାନି ତାଙ୍କ ଯନ୍ତ୍ରରୂପେ କାର୍ଯ୍ୟ କରି ପରମସୁଖସ୍ୱରୂପ ପରମାତ୍ମାଙ୍କୁ ପ୍ରାପ୍ତ ହେବ । ବ୍ୟବସ୍ଥାୟୀ ବ୍ୟବସାୟକୁ ଭଗବାନଙ୍କର ଜାଣି ସେବକରୂପେ, ଅଫିସ କର୍ମଚାରୀ କାର୍ଯ୍ୟକୁ ଭଗବତ ଆରାଧନା ରୂପେ, ବିଦ୍ୟାର୍ଥୀ ବିଦ୍ୟାଧ୍ୟୟନକୁ ଆତ୍ମାର ବିକାଶ ସକାଶେ, ଗୃହର ଗୃହିଣୀ, ମା', ଭଉଣୀମାନେ ଗୃହର ସମସ୍ତ କର୍ମକୁ ଭଗବତ୍ ମନ୍ଦିରର ଅର୍ଚ୍ଚନା ରୂପେ କରି ଭଗବାନଙ୍କୁ ପ୍ରାପ୍ତ ହୋଇପାରିବେ । ଜୀବନର ପରମ ଲକ୍ଷ୍ୟ ପରମାନନ୍ଦ ପ୍ରାପ୍ତି ପ୍ରତ୍ୟେକ ବ୍ୟକ୍ତିଙ୍କୁ ସ୍ୱାଭାବିକ କର୍ମରେ ପ୍ରାପ୍ତହେବ । ଏହି ଅବସ୍ଥା ସଂସାରରେ ପ୍ରତିଷ୍ଠା ହେବାର ସମୟ ଆସିଛି । ସେଥିପାଇଁ ଅଧ୍ୟାତ୍ମ-ସତ୍ୟ ପୂର୍ବ ଯୁଗପରି ସୀମିତ ନ ରହି ସମସ୍ତ ସଂସାରରେ ପ୍ରଚାରିତ ହେବା ଆବଶ୍ୟକ । ଏହାହିଁ ଭଗବତ୍ ସଂକଳ୍ପ, ଭଗବତ୍ ସେବା । ଏଥିରେ ନିଜର ଆଉ ଜଗତର ଯଥାର୍ଥ ଉନ୍ନତି । ମନୁଷ୍ୟକୁ ସୁଖପ୍ରାପ୍ତି ସକାଶେ ଅନ୍ନ, ବସ୍ତ୍ର, ଔଷଧାଦି ଯେତେପ୍ରକାର ଦାନ ବା ସେବା ଅଛି ଅଧ୍ୟାତ୍ମଧର୍ମ ପ୍ରଚାର କରିବା ସବୁଠାରୁ ଶ୍ରେଷ୍ଠ ଦାନ ଆଉ ଉତ୍କୃଷ୍ଟ ସେବା ।

ପ୍ରଶ୍ନ : ପୂର୍ବେ ଜନକାଦି କର୍ମୀ ଋଷି ଅଧ୍ୟାତ୍ମଧର୍ମ ପ୍ରାପ୍ତ ହୋଇଥିଲେ । ସେ ଥିଲେ ଗୃହସ୍ଥ, କେବଳ ଗୃହତ୍ୟାଗୀ ବ୍ୟକ୍ତି ଅଧ୍ୟାତ୍ମଧର୍ମର ଅଧିକାରୀ ଥିଲେ ବୋଲି କିପରି କୁହା ହୋଇଛି ?

ଉତ୍ତର : ଜନକାଦି ଯେଉଁ କେତେଜଣ ସଂସାରରେ ରହି ଭଗବତ୍ ପ୍ରାପ୍ତି କରି ଥିଲେ, ସେମାନଙ୍କ ସଂଖ୍ୟା କେତେ ? ସଂସାରର କୋଟି କୋଟି, ଖର୍ବ ଖର୍ବ ବ୍ୟକ୍ତି ମଧ୍ୟରୁ ଦୁଇ ଚାରିଜଣ ମାତ୍ର ଗୃହରେ ରହି ଭଗବତ୍ ପ୍ରାପ୍ତି କରିଥିଲେ, ବାକୀ ସମସ୍ତ ବ୍ୟକ୍ତି ଆଜିପର୍ଯ୍ୟନ୍ତ ସେହି ସଂସାର କର୍ମରେ ଭ୍ରମଣ କରୁଛନ୍ତି । ବିଶେଷ କାରଣରୁ ପଣସ ଗଛରେ ଯଦି କେବେ ଗୋଟିଏ ଆମ୍ବ ଫଳେ ତେବେ ତାହା ସିଦ୍ଧାନ୍ତ ହୁଏ ନାହିଁ, ତାହା ଅପବାଦ ସ୍ୱରୂପ । ଜନକ ସେହିପରି ଜଗତର ଅପବାଦ । ସେହି ସମୟ ପରି ବର୍ତ୍ତମାନ ଯୁଗରେ ଜଣେ ଦୁଇଜଣ ଗୃହୀବ୍ୟକ୍ତି ଭଗବତ୍ ପ୍ରାପ୍ତିର ଅଧିକାରୀ ହେବେ ନାହିଁ, ହେବେ ଅଧିକ ସଂଖ୍ୟାରେ । ଏପରିକି ଆରମ୍ଭ ଅବସ୍ଥାରେ ସଂଖ୍ୟା କ୍ରମଶଃ ଅଧିକ ହେଉଥିବ । ପରେ ସଂସାରରେ ଗୋଟିଏ ଅଧ୍ୟାତ୍ମଧର୍ମପୂର୍ଣ୍ଣ ଅତିମାନବଜାତି ସ୍ଥାପିତ ହେବେ । ସଂସାରରୁ ଅନ୍ୟାୟ ଦୂର ହୋଇଯିବ ।

ବର୍ତ୍ତମାନ ସଂସାର କଳିର ରାଜ୍ୟ, ଅସତ୍ୟ ଶକ୍ତି ଦ୍ୱାରା ପରିଚାଳିତ ହେଉଛି । ଅସତ୍ୟହିଁ କଳିର ଧର୍ମ । ଏହି କଳିଯୁଗରେ ସତ୍ୟର ସ୍ଥାନ ଗୌଣ । ସତ୍ୟର ଆଧିପତ୍ୟ ବହୁତ କମ୍ ।

ଆଗାମୀ ନୂତନ ଭବିଷ୍ୟତ୍ ଯୁଗର ସ୍ୱାଭାବିକ ଧର୍ମ ହେବ ସତ୍ୟ, ନ୍ୟାୟ, ଅହିଂସା, ପରୋପକାର; ଅସତ୍ୟ, ହିଂସା, ଦ୍ୱେଷ, ଈର୍ଷା, ବିରୋଧ, ଚୋରି ଇତ୍ୟାଦି ଅନ୍ୟାୟ ଏକବାରେ ସଂସାରରୁ ଦୂର ହେବ । ଏହି ସଂସାର ଦିବ୍ୟ ଅତିମାନସ ସତ୍ୟଯୁଗରେ ପରିଣତ ହେବ । ଯେଉଁମାନେ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରି ସତ୍ୟ ଆଚରଣ କରିବେ ସେହିମାନେ ହେବେ ନୂତନ ଯୁଗର ଅଗ୍ରଦୂତ । ଏମାନଙ୍କୁ ସତ୍ୟ ଗ୍ରହଣ କରିବାକୁ ହେବ ଏବଂ ଅସତ୍ୟକୁ ବର୍ଜନ କରିବାକୁ ହେବ । ବ୍ୟକ୍ତି ଏହି ସତ୍ୟ ଗ୍ରହଣ, ଅସତ୍ୟର ତ୍ୟାଗ ବହୁତ ସହଜରେ କରିପାରିବ, ଯେବେ ସେ ଅତିମାନସ ଶକ୍ତିର ଆଶ୍ରୟ ନେବ । ଶ୍ରଦ୍ଧା, ବିଶ୍ୱାସ, ନିର୍ଭରତା ରଖିବାର ଅର୍ଥହିଁ ଆଶ୍ରୟ ।

## ଶ୍ରୀଅରବିନ୍ଦ କେନ୍ଦ୍ର ସ୍ଥାପନ

ଶ୍ରୀମାଶ୍ରୀଅରବିନ୍ଦଙ୍କ ପ୍ରଦର୍ଶିତ ନୂତନ ଅଧ୍ୟାତ୍ମ-ସତ୍ୟର ପ୍ରସାର ନିମିତ୍ତ ଏକ ପ୍ରଧାନ ଉପାୟ ହେଲା ବିଭିନ୍ନ ସ୍ଥାନରେ ଶାଖା-କେନ୍ଦ୍ର ସ୍ଥାପନ କରିବା । ଏହି କେନ୍ଦ୍ରଗୁଡ଼ିକର ଉଦ୍ଦେଶ୍ୟ ହେବ ଯେଉଁମାନେ ଏହି ଦିଗରେ ଆଗ୍ରହୀ ସେମାନଙ୍କୁ ସହାୟତା କରିବା ଓ ଯେଉଁମାନେ ଏ ଦିଗରେ ଅଜ୍ଞ ବା ଅଚେତନ ସେମାନଙ୍କୁ ବୁଝାଇଦେବା ।

ତେବେ କେନ୍ଦ୍ର-ସ୍ଥାପନ କିପରି କରାଯିବ ? ଅନେକେ ଭାବନ୍ତି ଯେ ଆମ୍ଭେ ନିଜେ ଏ ସମ୍ବନ୍ଧରେ ଭଲଭାବେ ଜାଣି ନାହୁଁ, କେନ୍ଦ୍ର-ସ୍ଥାପନ କରି ଲୋକ ସାଧାରଣଙ୍କୁ କ'ଣ ବୁଝାଇବୁ ବା କିପରି କେନ୍ଦ୍ର ପରିଚାଳନା କରିବୁ ? ଏ ସମ୍ବନ୍ଧରେ ମନେ ରଖିବାକୁ ହେବ ଯେ ଆମ୍ଭମାନଙ୍କର ଏପରି କୌଣସି ନିଜସ୍ୱ ଶକ୍ତି ନାହିଁ ଯାହାଫଳରେ ଆମ୍ଭେମାନେ କିଛି କରିପାରିବା । ସବୁ ଭଗବାନଙ୍କ କାର୍ଯ୍ୟ ଏବଂ ତାଙ୍କରି ନିର୍ଦ୍ଦେଶ ଓ ସହାୟତାରେହିଁ ସବୁ ପରିଚାଳିତ । ବିଶେଷତଃ ଏହି କେନ୍ଦ୍ର-ସ୍ଥାପନ ବା ଅଧ୍ୟାତ୍ମସତ୍ୟର ପ୍ରଚାର କାର୍ଯ୍ୟ ଯାହା ଜଗତ୍‌ର ଏହି ଦୁରବସ୍ଥା ସମୟରେ ବିଶେଷ ପ୍ରୟୋଜନ, ସେଥି ନିମିତ୍ତ ଯେଉଁମାନେ କୌଣସି ପ୍ରକାର ପ୍ରେରଣା ପାଇ ବ୍ରତୀ ହେବେ ସେମାନଙ୍କ ପାଇଁ ଭଗବାନଙ୍କ ସାହାଯ୍ୟ ବିଶେଷଭାବେ ରହିଛି । ଏହି କାର୍ଯ୍ୟ ଆରମ୍ଭ କଲେ ତାହା ସ୍ୱତଃ ଭଗବତ୍ ସାହାଯ୍ୟ ପାଇ ଅଗ୍ରସର ହୋଇ ଚାଲିବ ।

ଅନ୍ୟ ଗୋଟିଏ ଅସୁବିଧା ଉତ୍‌ଥାପନ କରାଯାଇ ପାରେ ଯେ ଆମ୍ଭମାନଙ୍କ ସାଧାରଣ ଚେତନାରେ ଆମ୍ଭେମାନେ ଭଗବାନଙ୍କ ସାନିଧ୍ୟ ବା ସହାୟତା କିପରି ଉପଲବ୍ଧି କରିପାରିବୁ ? ମାତ୍ର ଏହି ଅସୁବିଧା ଦୂର କରିବାର ସୁବର୍ଣ୍ଣ-ସୁଯୋଗ ବର୍ତ୍ତମାନ ଜଗତ୍‌ରେ ଉପସ୍ଥିତ । ଶ୍ରୀମା, ଯାହାଙ୍କ ଚେତନା ଭଗବାନଙ୍କ ସହିତ ଏକ ଏବଂ ସାଧାରଣ ମନୁଷ୍ୟ-ଚେତନା ଏବଂ ଦିବ୍ୟ-ଚେତନା ମଧ୍ୟରେ ସଂଯୋଗ ସ୍ଥାପନ କରିବାକୁ ଯେ ବର୍ତ୍ତମାନ ଆମ୍ଭମାନଙ୍କ ନିକଟରେ ଆବିର୍ଭୂତା, ତାହାଙ୍କଠାରେ ଆମ୍ଭମାନଙ୍କ ଅସୁବିଧା ଓ ଆମ୍ଭର ଦାୟିତ୍ୱ ପୂର୍ଣ୍ଣମାତ୍ରାରେ, ପୂର୍ଣ୍ଣ ପ୍ରାଣରେ ଶ୍ରଦ୍ଧା, ଭକ୍ତି ଓ ବିଶ୍ୱାସ ସହ ଛାଡ଼ି ଦେଲେ ସେ ସକଳ ଅସୁବିଧା ଦୂର କରିଦେବେ । ଆମ୍ଭମାନଙ୍କ ହାତଧରି ନାନା ବାଧା-ବିଘ୍ନକୁ ଅତିକ୍ରମ କରାଇ ଚରମ ଲକ୍ଷ୍ୟରେ ପହଞ୍ଚାଇ ଦେବେ । ଏହି ଭାବ ଧାରଣାକରି ଅଗ୍ରସର ହେଲେ କେନ୍ଦ୍ର-ସ୍ଥାପନର ସମସ୍ତ ଅସୁବିଧା ଓ ବାଧା-ବିଘ୍ନ ନିଶ୍ଚୟ ଦୂର ହେବ ଏବଂ ସ୍ୱତଃ ଏହି କାର୍ଯ୍ୟ ପ୍ରସାରିତ ହେବ ।

ତେବେ ଯେଉଁମାନେ ଏ ଦିଗରେ ଆଗ୍ରହୀ ଓ ଉତ୍ସାହୀ ସେମାନଙ୍କୁ ମା'ଙ୍କଠାରେ ପୂର୍ଣ୍ଣ ଭକ୍ତି, ବିଶ୍ୱାସ ଓ ସମର୍ପଣ ସହ କାର୍ଯ୍ୟତଃ କ'ଣ କରିବାକୁ ହେବ, ତାହାର ଏକ ସଂକ୍ଷିପ୍ତ ସୂଚନା ଏଠାରେ ଦିଆଯାଉଛି :—

ଯେଉଁଠାରେ ଅନ୍ତତଃ ଦୁଇଜଣ ବ୍ୟକ୍ତି ପୂର୍ଣ୍ଣ ପ୍ରାଣରେ ଏହି ଦିଗରେ ଉତ୍ସାହୀ ସେମାନେ ନିଜ ଗ୍ରାମରେ ବା ଯେଉଁ ସ୍ଥାନରେ ବାସକରନ୍ତି, ସେଠାରେ ଏକ କେନ୍ଦ୍ର ଖୋଲି ପାରନ୍ତି । ବେଶୀ ଲୋକ ହେଲେ ଭଲ ଆଉ ଏହି କାର୍ଯ୍ୟ ଆରମ୍ଭ ହେଲେ କେନ୍ଦ୍ରର ସଭ୍ୟ ସଂଖ୍ୟା ନିଶ୍ଚୟ ବଢ଼ି ଚାଲିବ ।

୧) ଗ୍ରାମ ମଧ୍ୟରେ କୌଣସି ସ୍ୱତନ୍ତ୍ର ଘର, ଭାଗବତ ଟୁଙ୍ଗି ବା ଗ୍ରାମ ଦେବତୀଙ୍କ ଘରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଫଟୋ ସ୍ଥାପନ କରି ପ୍ରତିଦିନ ପୁଷ୍ପ ଓ ଧୂପ ଅର୍ପଣ କରିବାକୁ ହେବ ।

୨) ଯେଉଁମାନେ କେନ୍ଦ୍ରର ସଦସ୍ୟ ହେବେ ସେମାନେ ବ୍ୟକ୍ତିଗତଭାବେ ସକାଳେ ଶଯ୍ୟାତ୍ୟାଗ ଓ ରାତ୍ରିରେ ଶଯ୍ୟାଗ୍ରହଣ ସମୟରେ କିଛି ସମୟ ଧ୍ୟାନ, ନାମଜପ ତଥା ପ୍ରାର୍ଥନା ଓ ସମର୍ପଣ କରିବେ । ଏଥିସଙ୍ଗେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପ୍ରତ୍ୟହ ନିଜର ସୁବିଧା ଅନୁଯାୟୀ କିଛି ସମୟ ଅଧ୍ୟୟନ କରିବେ ।

୩) ନିଜର ପରିବାର, ଘର, ଧନସମ୍ପତ୍ତି ଓ ସକଳ ଦୈନନ୍ଦିନ କାର୍ଯ୍ୟକୁ ଭଗବାନଙ୍କ ଭାବି – ଭଗବାନ ସବୁକିଛିର କର୍ତ୍ତା ଏବଂ ନିଜେ ତାଙ୍କର ଆଦେଶ ପାଳନକାରୀ ସେବକ ବୋଲି ଭାବି ସବୁକିଛି କରିବାକୁ ହେବ ।

୪) ଯେଉଁମାନେ ପ୍ରଥମେ ଭଗବାନଙ୍କୁ ଧାରଣା କରି ନ ପାରିବେ ବା ତାଙ୍କୁ ଧ୍ୟାନ କରି ନ ପାରିବେ ସେମାନେ ନିଜକୁ ଓ ନିଜର ସବୁକିଛିକୁ ମା'ଙ୍କୁ ସମର୍ପଣ କରି ସବୁ ମା'ଙ୍କ ସେବାରୂପେ କରିବେ ଓ ମା'ଙ୍କ ନାମଜପ ସହିତ ଧ୍ୟାନ ମଧ୍ୟ କରିପାରନ୍ତି । ପ୍ରାଥମିକ ଅବସ୍ଥାରେ ଏହାହିଁ ସହଜ ହେବ ।

୫) ଏହିସବୁ ବ୍ୟକ୍ତିଗତ ସାଧନା ବ୍ୟତୀତ କେନ୍ଦ୍ରରେ ସମସ୍ତେ ପ୍ରତି ସପ୍ତାହରେ ଦିନେ ବା ଦୁଇଦିନ ଏକତ୍ରିତ ହୋଇ ସାମୂହିକଭାବେ କିଛି ସମୟ ଧ୍ୟାନ ଓ ଗ୍ରନ୍ଥ ଅଧ୍ୟୟନ କରିବେ । ବ୍ୟକ୍ତିଗତ ସାଧନା ଅପେକ୍ଷା ସାମୂହିକ ସାଧନାର ବିଶେଷତ୍ୱ ସମ୍ବନ୍ଧେ ପୂର୍ବରୁ କୁହାଯାଇଛି । କେନ୍ଦ୍ରରେ ସାମୂହିକରୂପେ ସମସ୍ତେ ଧ୍ୟାନ, ପ୍ରାର୍ଥନାଦି କରିବା ପରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ସାହିତ୍ୟ ଅଧ୍ୟୟନରେ ଯେଉଁମାନେ ଅପେକ୍ଷାକୃତ ଅଗ୍ରସର ହୋଇଛନ୍ତି ସେମାନେ ଅନ୍ୟମାନଙ୍କୁ ଆଲୋଚନା ଛଳରେ ତାହା ବୁଝାଇବାକୁ ଚେଷ୍ଟା କରିବେ । ଫଳରେ ଆବାଳବୃଦ୍ଧ ସମସ୍ତେ ଏହାଦ୍ୱାରା ପ୍ରଭାବିତ ଓ ଉପକୃତ ହେବେ । ଏସବୁକୁ ରୀତିମତ କରିବା ସଙ୍ଗେ ସଙ୍ଗେ ଆଶ୍ରମରେ ଯେଉଁ ଦର୍ଶନଦିବସ ଓ ଅନ୍ୟାନ୍ୟ ଦିବସଗୁଡ଼ିକରେ ଶ୍ରୀମା ଆଶୀର୍ବାଦ ଦିଅନ୍ତି ସେହି ଦିବସଗୁଡ଼ିକୁ ଉତ୍ସବରୂପେ କେନ୍ଦ୍ର-ସ୍ଥାନରେ ସମସ୍ତେ ଉପସ୍ଥିତ ହୋଇ ବିଶେଷଭାବେ ପାଳନ କରିବା ଉଚିତ ।